# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 12 April - 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ୨୦୨୯ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ; କହିଲେ ପ୍ରଧାନମନ୍ତ୍ରୀ
- ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମବିଭୂଷଣ ଆଶା ଭୋଁସଲେଙ୍କର ଆସନ୍ତାକାଲି ହେବ ଶେଷକୃତ୍ୟ
- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭିତର ରତ୍ନଭଣ୍ଡାର ଗଣତି-ମଣତି

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ନାରୀଶକ୍ତି ବନ୍ଦନ

୨୦୨୯ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମହିଳା ସଂରକ୍ଷଣ ଆଇନ୍‌କୁ କାର୍ଯ୍ୟକାରୀ କରିବା ନେଇ ସମୟ ଉପନୀତ ହୋଇଛି ବୋଲି ସେ କହିଛନ୍ତି।  ସଂସଦରେ ଅନୁଷ୍ଠିତ ହେବାକୁ ଥିବା ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଲୋକସଭା ଏବଂ ରାଜ୍ୟସଭାର ନେତୃମଣ୍ଡଳୀଙ୍କୁ ଚିଠି ଲେଖି ଶ୍ରୀ ମୋଦୀ ମହିଳା ସଂରକ୍ଷଣ ଆଇନ୍‌କୁ ପାରିତ କରିବା ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବ୍ୟାପକ ବିଚାରବିମର୍ଷ ପରେ ଦେଶରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂସଦର ବଜେଟ୍ ଅଧିବେଶନର ଅବଧିକୁ ଏ ସଂକ୍ରାନ୍ତ ଆଲୋଚନା ପାଇଁ ବୃଦ୍ଧି କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି, ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଲୋକସଭାରେ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ । ସେଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

୨୦୨୩ ମସିହାରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥା ହୋଇଛି । ଏହି ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ ରହିବାକୁ ବିଜେପି ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି । ଉଭୟ ସଦନରେ ଦଳୀୟ ସଦସ୍ୟ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି ।

# ଆଶା ଭୋଁସ୍‌ଲେ ପରଲୋକ

ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମବିଭୂଷଣ ଆଶା ଭୋଁସ୍‌ଲେଙ୍କର  ଆସନ୍ତାକାଲି ଅପରାହ୍ଣ ୪ଟାରେ ମୁମ୍ବାଇର ଶିବାଜୀପାର୍କଠାରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର କରାଯିବ। ଆଜି ୯୨ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରି କହିଛନ୍ତି, ସଂଗୀତ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ବିୟୋଗ ସହ ଭାରତୀୟ ସଂଗୀତ ଜଗତରେ ଏକ ଯୁଗର ଅବସାନ ଘଟିଛି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରି କହିଛନ୍ତି,  ତାଙ୍କ ସଂଗୀତ ଯାତ୍ରା ଆମର ସଂସ୍କୃତି ଏବଂ ଐତିହ୍ୟକୁ ସମୃଦ୍ଧ କରିଛି। ଆଶା ଭୋଁସ୍‌ଲେଙ୍କ ଗୀତଗୁଡ଼ିକ ଜନସାଧାରଣଙ୍କ ଜୀବନରେ ଚିରକାଳ ପାଇଁ ପ୍ରତିଧ୍ୱନିତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ ପାଟି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଆଶା ଭୋଁସ୍‌ଲେଙ୍କ ମଧୁର ସ୍ୱର ସଂଗୀତ ଜଗତକୁ ସମୃଦ୍ଧ କରିବା ସହିତ ଦେଶବାସୀଙ୍କ ହୃଦୟରେ ଅଲିଭା ଛାପ ଛାଡ଼ିଯାଇଛି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆଶା ଭୋସ୍‌ଲେଙ୍କ ପରଲୋକରେ ଶୋକ ବ୍ୟକ୍ତ କରି କହିଛନ୍ତି, ତାଙ୍କ କଣ୍ଠସ୍ୱର ପରବର୍ତ୍ତୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବ। ତାଙ୍କ ସ୍ୱରରେ ଭାବନା ଏବଂ ଅନୁଭବର ଯାଦୁ ରହିଥିଲା।

୧୯୩୩ ମସିହାରେ ତତ୍‌କାଳୀନ ବ୍ରିଟିଶ ସାମ୍ରାଜ୍ୟର ମହାରାଷ୍ଟ୍ରର ସାଙ୍ଗଲୀଠାରେ ଜନ୍ମଗ୍ରହଣ କରିଥିବା ଆଶା ଭୋସ୍‌ଲେଙ୍କୁ ଆଧୁନିକ ଭାରତୀୟ ସଂଗୀତର ଜଣେ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ବିବେଚନା କରାଯାଏ। ୧୯୪୩ ମସିହାରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଗୀତ ରେକର୍ଡ କରାଯାଇଥିଲା।  ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ସାତ ଥର ଫିଲ୍ମଫେୟାର ଆୱାର୍ଡ ବିଜୟୀ ହେବା ସହିତ ୨୦୦୦ ମସିହାରେ ଜୀବନବ୍ୟାପୀ ସାଧନା ପାଇଁ ଦାଦାସାହେବ ଫାଲକେ ପୁରସ୍କାରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା।

୨୦୦୮ ମସିହାରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା।

ଓଡ଼ିଆ ଗୀତଗୁଡ଼ିକ ମଧ୍ୟରେ 'ସମୟ' ଚଳଚ୍ଚିତ୍ରର- ଝିମିଝିମିତା ମଜା, ମା' ଚଳଚ୍ଚିତ୍ର ପାଇଁ 'ତୋ ନାଁରେ ପିନ୍ଧିଲି ଚୂଡ଼ି', ଟୋପାଏ ସିନ୍ଦୂର ଦି'ପଟ ଶଙ୍ଖା ଚଳଚ୍ଚିତ୍ର ପାଇଁ - 'ମଇନା ମଇନା' ଏବଂ  ଆରତୀ ଚଳଚ୍ଚିତ୍ର ପାଇଁ 'ଜହ୍ନଗୋ ତମେ ଝୁରନା' ଆଦି ଗୀତରେ ସେ କଣ୍ଠଦାନ କରିଥିଲେ। ୯୦ ଦଶକର ସେ ଗାଇଥିବା ଅନେକ କାଳଜୟୀ ଗୀତ ଆଜି ବି ସଂଗୀତପ୍ରେମୀମାନେ ଭୁଲି ପାରୁ ନାହାନ୍ତି।

## ଅମରନାଥ ଯାତ୍ରା

ଚଳିତବର୍ଷର ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ଜୁଲାଇ ୩ ତାରିଖରୁ ଆରମ୍ଭ ହେବ। ଜାମ୍ମୁକାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅଗଷ୍ଟ ୨୮ ତାରିଖ ଯାଏ ୫୭ଦିନ ଧରି ବିଭିନ୍ନ ପର୍ଯ୍ୟାୟରେ ଏହି ଯାତ୍ରା ଜାରି ରହିବ। ସାମାଜିକ ଗଣମାଧମରେ ଶ୍ରୀ ସିହ୍ନା କହିଛନ୍ତି, ଜୁନ୍ ୨୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ପ୍ରଥମ ପୂଜା କରାଯିବ। ଚଳିତମାସ ୧୫ ତାରିଖ ଠାରୁ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ମାଧମରେ ଶ୍ରଦ୍ଧାଳୁ ଯାତ୍ରା ପାଇଁ ପଞ୍ଜୀକରଣ କରିପାରିବେ। ଦେଶରେ ଥିବା ଜାମ୍ମୁ କାଶ୍ମୀର ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ସୁବିଧା ୟେସ୍ ବ୍ୟାଙ୍କରେ ଥିବା ୫୫୪ଟି ଶାଖାରେ ଏହି ପଞ୍ଜୀକରଣ ଉପଲବ୍ଧ ହେବ। ତୀର୍ଥଯାତ୍ରୀଙ୍କ ପାଇଁ ସର୍ବନିମ୍ନ ବୟସସୀମା ୧୩ ବର୍ଷ ଏବଂ ସର୍ବାଧିକ ବୟସସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପହଲଗାମ ଏବଂ ବାଲତାଲ ମାର୍ଗ ଦେଇ ଏହି ଯାତ୍ରା ଅନୁଷ୍ଠିତ ହେବ ବୋଲି ଶ୍ରୀ ସିହ୍ନା କହିଛନ୍ତି।

## ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଭିତର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଭିତର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟକୁ ଶୃଙ୍ଖଳିତ କରିବା ନେଇ ଆଲୋଚନା ହୋଇଛି।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆସନ୍ତାକାଲି ଜିଲ୍ଲା ଟ୍ରେଜେରୀରୁ ରତ୍ନଭଣ୍ଡାରର ଚାବି ଅଣାଯାଇ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଅଳଙ୍କାର ବିଶେଷଜ୍ଞ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ପ୍ରତ୍ୟେକ ରତ୍ନ ଅଳଙ୍କାରର ଗଣତି-ମଣତି କରିବା ସହିତ ଏହାର ଓଜନ ଏବଂ ମୋତି ମାଣିକ୍ୟର ଚିହ୍ନଟ କରିବେ। ସବୁ ରତ୍ନ ଅଳଙ୍କାରର ଥ୍ରୀ-ଡି ସ୍କାନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫୀ କରାଯିବ। ପ୍ରତ୍ୟେକ ଦିନ ଗଣତି-ମଣତି ପରେ ରତ୍ନଭଣ୍ଡାରକୁ ସିଲ୍ କରାଯାଇ ଜିଲ୍ଲା ଟ୍ରେଜେରୀରେ ଚାବି ରଖାଯିବ। ଆଜି ଆୟୋଜିତ ବୈଠକରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସେବାୟତ ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି....

## - V/O -

ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ଗତକାଲି ଶେଷ ହୋଇଛି । ୧୯୭୮ ମସିହା ତାଲିକା ଅନୁଯାୟୀ ବାହାର ରତ୍ନ ଭଣ୍ଡାରର ୧୧୮ ପ୍ରକାରର ରତ୍ନ ଅଳଙ୍କାର ରହିଥିଲା । ତେବେ ଭଣ୍ଡାର ମେକାପ ଅଧିକ ଅଳଙ୍କାର ଥିବା ନେଇ ସୂଚନା ଦେବା ପରେ ଏହି ସଂଖ୍ୟା ୧୪୭ରେ ପହଞ୍ଚିଥିବା ଜଣାପଡିଛି ।

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଆଜି ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଓଡ଼ିଆ ଜାତିର ସ୍ୱାଭିମାନ ଓ ସମୃଦ୍ଧ ସଂସ୍କୃତିର ମୂଳଦୁଆ ପକାଇଥିବା ଆମର ବରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ପାଇଁ 'ବନ୍ଦନୀୟ ବରପୁତ୍ର' ଆୟୋଜିତ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ସ୍ମରଣ କରିବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ନେବାପାଇଁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି । ସରକାରୀ କାର୍ଯ୍ୟାଳୟ ଏବଂ ବେସରକାରୀ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

**ନୟାଗଡ଼** ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ସହିଦ ରଘୁ-ଦିବାକର, ଅର୍ଜୁନ ରାଉତ, କଷ୍ଟି ଡାକୁଆ, ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣୀ ସାମନ୍ତଙ୍କ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ । ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବି ଜିଲ୍ଲାର ବରପୁତ୍ରଙ୍କ ସମ୍ପର୍କରେ କବିତାପାଠ କରିଥିଲେ ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବକ୍ତାମାନେ ଯୋଗଦେଇ ପାରଳା ମାଟିର ବନ୍ଦନୀୟ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପଦ୍ମଶ୍ରୀ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, କବି ଗୋପାଳକୃଷ୍ଣ ପଟ୍ଟନାୟକ, ଗୋପୀନାଥ ନନ୍ଦ ଶର୍ମା ଓ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା।

**କେନ୍ଦ୍ରାପଡା** ଜିଲ୍ଲା ସଂସ୍କୃତିଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଚିନ୍ନା ଯୋଗଦେଇ ଜିଲ୍ଲାର ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା।

**ବୌଦ୍ଧ** ଜିଲ୍ଲା ମ୍ୟୁଜିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନୀରୁଦ୍ଧ ପ୍ରଧାନ ଯୋଗଦେଇ ଜିଲ୍ଲାର ଦିବଂଗତ ସାରସ୍ୱତ ସାଧକ ଏବଂ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ।

**ଗଞ୍ଜାମ** ଜିଲ୍ଲାପରିଷଦ କକ୍ଷରେ ଆୟୋଜିତ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଯୋଗଦେଇ ଓଡ଼ିଶାର ବିକାଶ ଓ ଗୌରବରେ ଅତୁଳନୀୟ ଅବଦାନ ରଖିଥିବା ମହାନ ବରପୁତ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲ୍ଲାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

**ଯାଜପୁର** ସଂସ୍କୃତିଭବନ ପରିସରରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଦିବସ ଅବସରରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର

ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତିଭବନ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲା ଖଣ୍ଡପଡାଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଓ ଏକାତ୍ମ ମାନବବାଦ ସମ୍ପର୍କରେ ଆଲୋଚନା କରିଥିଲେ। ତୃଣମୂଳସ୍ତରରେ ସରକାରୀ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶିକ୍ଷଣ ଶିବିରରେ ଆହ୍ୱାନ ଦିଆଯାଇଥିଲା।

## ରେଳଷ୍ଟେସନ ନିରୀକ୍ଷଣ

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପାରାଦ୍ୱୀପ ରେଳଷ୍ଟେସନ ନିରୀକ୍ଷଣ କରିଛନ୍ତି। ଆଗାମୀ ଦିନରେ ପଣ୍ୟ ପରିବହନର କେନ୍ଦ୍ର ଭାବରେ ପାରାଦ୍ୱୀପ ବନ୍ଦରର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମଞ୍ଚେଶ୍ୱରରୁ ପାରାଦ୍ୱୀପ ସେକ୍ସନ ପର୍ଯ୍ୟନ୍ତ ଯାଂଚ  କରାଯାଇଥିଲା। ଶ୍ରୀ ଫୁଙ୍କୱାଲ ୟାର୍ଡ ଲେ-ଆଉଟ୍, ସିଗ୍ନାଲ ସିଷ୍ଟମ୍, ସାମଗ୍ରୀକ ପରିଚାଳନା ଦକ୍ଷତା, ଷ୍ଟେସନରେ ଯାତ୍ରୀଙ୍କ ନିମିତ୍ତ ଆବଶ୍ୟକ ସୁବିଧା, ଷ୍ଟେସନର ସ୍ୱଚ୍ଛତା ଏବଂ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଯାଂଚ କରିଥିଲେ। ଏହି ଅବସରରେ ରେଳ ବିଭାଗର

ପ୍ରମୁଖ ଅଧିକାରୀ ଏବଂ ଖୋର୍ଦ୍ଧାରୋଡ ମଣ୍ଡଳର ରେଳ ପ୍ରବନ୍ଧକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଦିନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି । ଆଜି ଦିନ ଗୋଟାଏ ସୁଦ୍ଧା ଦିନର ସର୍ବୋଚ୍ଚ ତାପମାତ୍ରା ଟିଟିଲାଗଡ଼ଠାରେ ୩୯ ଦଶମିକ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି ।